## ଓଡ଼ିଆ ଭାଷା, ସାହିତ୍ୟ ଆଲୋଚନାଚକ୍ର

ଗୋପବନ୍ଧୁ ନଗର, ୧୯।୪
(ଶାନ୍ତନୁ କୁମାର ମଡୁଆଲ)

ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଡ. ମିତାରାଣୀ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ କବି ସଚ୍ଚିଦାନନ୍ଦ ରାଉତରାୟଙ୍କର କାବ୍ୟ ଚେତନା ଏକ ସମୀକ୍ଷା ଉପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ମେଘାସନ କଲେଜର ପ୍ରାଧ୍ୟାପକ ଡ. ରମେଶ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରାଧ୍ୟାପିକା ଡ. ଶୁଭଦର୍ଶିନୀ ମହାନ୍ତି, ସମ୍ମାନିତ ଅତିଥି ସ୍ଥାନୀୟ କଲେଜର ପ୍ରାଧ୍ୟାପକ ପ୍ରଭାତ କୁମାର ସେନାପତି ଏବଂ ଅଶ୍ୱିନୀ କୁମାର ପ୍ରଧାନ ଯୋଗଦେଇ କବିଙ୍କ କାବ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଛାତ୍ରୀ ତପସ୍ୟାନୀ ଦାସ, ସବିତା ଜେନା, କସ୍ତୁରୀ ଗିରି ଓ ସୌମ୍ୟରଞ୍ଜନ ପରିଡ଼ା ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ନମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ୩ ବ୍ଲକ୍ ଦାୟିତ୍ୱରେ ଜଣେ ଗୋଷ୍ଠୀ ଶିକ୍ଷା ଅଧିକାରୀ

କପ୍ତିପଦା, ୧୯।୪ (ବିଷ୍ଣୁ ଚରଣ ପୁଥାଳ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକରେ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଜିଲାର ଦ୍ୱିତୀୟ ସର୍ବବୃହତ ବ୍ଲକ୍ ଭାବେ ପରିଚିତ କପ୍ତିପଦାର ଏହି କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀ ନ ଥିବାରୁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି।

ଏହି କାର୍ଯ୍ୟାଳୟ ଅଧୀନରେ ମୋଟ ୨୯୯ଟି ବିଦ୍ୟାଳୟ ରହିଛି। ପ୍ରାୟ ୧ ହଜାର ଶିକ୍ଷୟିତ୍ରୀ ଓ ଶିକ୍ଷକ ଅଛନ୍ତି। ତେବେ ପୂର୍ବରୁ ଥିବା ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ ଅନ୍ୟତ୍ର ବଦଳି ହେବା ପରେ ବର୍ତ୍ତମାନ ସୁଦ୍ଧା କେହି ସ୍ଥାୟୀ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ନିଯୁକ୍ତି ପାଇନାହାନ୍ତି। ଯାହା ଫଳରେ ଖୁଣ୍ଟା ବ୍ଲକରେ ସ୍ଥାୟୀ ଭାବେ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମ କପ୍ତିପଦା ବ୍ଲକ୍ ଦାୟିତ୍ୱରେ ରହିବା ସହିତ ବଡ଼ସାହି ବ୍ଲକ୍ କଥା ମଧ୍ୟ ବୁଝୁଛନ୍ତି। ଜଣେ ଗୋଷ୍ଠୀ ଶିକ୍ଷାଅଧିକାରୀ ୩ଟି ବ୍ଲକ୍ ଦାୟିତ୍ୱରେ ଥିବାରୁ ସରକାରୀ କାର୍ଯ୍ୟ କିଭଳି ହେଉଥିବ ତାହା ସ୍ୱଷ୍ଟ ଅନୁମେୟ। ପୂର୍ବରୁ କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ୩ଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଥିବାବେଳେ ବର୍ତ୍ତମାନ କେବଳ ଜଣେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରହି ନିଜ ଦାୟିତ୍ୱ ତୁଲାଇବା ସହିତ ବିଆର୍‌ସିସି, ମଧ୍ୟାହ୍ନଭୋଜନ, ଜନଶୁଣାଣି, ବିଧାନସଭା ପ୍ରଶ୍ନ ଉତ୍ତର ସୂଚନା ପ୍ରଦାନ ସହିତ ବିଭିନ୍ନ ବୃତ୍ତି ପରୀକ୍ଷା ପରିଚାଳନା ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି। ଯାହା ଫଳରେ ଜଣେ ବ୍ୟକ୍ତି ଏତେ ଗୁଡ଼ିଏ ଦାୟିତ୍ୱ ତୁଲାଇ ଠିକ୍ ସମୟରେ ଠିକ୍ କାମ କରିବାରେ ବାଧା ଉପୁଜୁଛି। ସେହିପରି ଏହି କାର୍ଯ୍ୟାଳୟରେ ମୁଖ୍ୟ କିରାଣି ମଧ୍ୟ ନ ଥିବାରୁ ଶିକ୍ଷକମାନଙ୍କର ବିଭିନ୍ନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏତଦ୍‌ବ୍ୟତୀତ ଏହି କାର୍ଯ୍ୟାଳୟର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଅନ୍ୟ କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ୨୪ ଫୁଟ ଓ ୧୬ଫୁଟ ବିଶିଷ୍ଟ ଗୋଟିଏ ହଲ୍‌ରେ କାର୍ଯ୍ୟାଳୟର ସମସ୍ତ ଆଲମାରି ଓ ଚେୟାର ଟେବୁଲ ପଡ଼ିଥିବାରୁ ଚଳପ୍ରଚଳରେ ମଧ୍ୟ ବାଧା ସୃଷ୍ଟି ହେଉଛି। ଏଭଳି ଅନେକ ସମସ୍ୟା ଏହି ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ରହିଛି। ଏଣୁ ସରକାର ଏହି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରତି ଦୃଷ୍ଟିଦେଇ ସ୍ଥାୟୀ ଗୋଷ୍ଠୀ ଶିକ୍ଷାଅଧିକାରୀ, ଖାଲିପଡ଼ିଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ଓ ମୁଖ୍ୟ କିରାଣି ପଦବୀ ପୂରଣ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି।



କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ।

## ‘୩ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରୁଛି’

### ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଅସୁସ୍ଥ ହେବା ଘଟଣା

କଟକ, ୧୯।୪ (ଶିଳ୍ପା ପ୍ରିୟଦର୍ଶିନୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ କାକବନ୍ଧ ଆଶ୍ରମ ସ୍କୁଲ୍‌ର ଶତାଧିକ ଛାତ୍ରୀଛାତ୍ର ବିଷାକ୍ତ ଖାଦ୍ୟ ଖାଇ ଅସୁସ୍ଥ ହୋଇପଡ଼ିବା ଘଟଣାରେ ଗୁରୁତର ୩ଜଣଙ୍କୁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କର ଚିକିତ୍ସା ଜାରି ରହିଥିବା ବେଳେ ଧୀରେ ଧୀରେ ସ୍ୱାସ୍ଥ୍ୟାବସ୍ଥା ସୁଧୁରୁଛି। ପୂର୍ବରୁ ଜଣେ ଛାତ୍ର ହାଇଡିପେଣ୍ଡେନ୍ସି ୟୁନିଟ୍ (ଏଚ୍‌ଡିୟୁ)ରେ ଚିକିତ୍ସିତ ହେଉଥିବାବେଳେ ରବିବାର ଦୁଇଜଣ ଛାତ୍ରୀଙ୍କୁ ଆଇସିୟୁରୁ ଏଚ୍‌ଡିୟୁକୁ ସ୍ଥାନାନ୍ତର କରାଯାଇଛି। ଏଥିସହ ତିନିଜଣଙ୍କ ସଂକ୍ରମଣ କମିଛି। ଏବେ ସେମାନେ ସୁସ୍ଥ ହେଉଥିବାରୁ ଆଗାମୀ ସପ୍ତାହରେ ସ୍ୱାସ୍ଥ୍ୟାବସ୍ଥା ଦେଖି ଡିସ୍‌ଚାର୍ଜ କରାଯିବ ବୋଲି ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର ରବିବାର ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଗତ ୧୫ ତାରିଖରେ ପ୍ରଥମେ ଜଣେ ଛାତ୍ରୀଙ୍କୁ ଶିଶୁଭବନ ସ୍ଥାନାନ୍ତର କରାଯାଇଥିଲା। ପରେ ଆଉ ଜଣେ ଛାତ୍ରୀ ଓ ଜଣେ ଛାତ୍ରଙ୍କୁ ଶିଶୁଭବନ ଅଣାଯାଇଥିଲା। ଏବେ ତିନିଜଣଙ୍କ ଚିକିତ୍ସା ଜାରି ରହିଛି। ସ୍ୱାସ୍ଥ୍ୟ ସଚିବଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କ ଚିକିତ୍ସା ପାଇଁ କଟକ ଶିଶୁଭବନ ଅଧୀକ୍ଷକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଥିଲା।

## ଛାତ୍ରୀଙ୍କୁ ଦୁର୍ବ୍ୟବହାର, ଛାତ୍ରୀନିବାସ ମାଲିକ ଗିରଫ

ରାଇରଙ୍ଗପୁର, ୧୯।୪ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ତଥା ସହରାଞ୍ଚଳସ୍ଥିତ ଏକ ଘରୋଇ ଛାତ୍ରୀ ନିବାସରେ ଜଣେ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ପୋଲିସ ଛାତ୍ରୀ ନିବାସ ମାଲିକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ରାଇରଙ୍ଗପୁର ଟାଉନ ଥାନା ଅଧୀନ ପୁରୁଣାଘାଟି (ୱାର୍ଡନଂ. ୮) ବସ୍ତି ଅଞ୍ଚଳର ବାବନ ଗାଗରାୟ (୬୫)। ଏନେଇ ଥାନାରେ ଏକ ମାମଲା (ନଂ. ୧୨୧/୨୬)। ରୁଜୁ ହୋଇଛି। ମାଜିଷ୍ଟ୍ରେଟଙ୍କଠାରେ ୧୬୪ ଧାରାରେ ସମ୍ପୃକ୍ତ ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଛି।

# ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

ବାରିପଦା, ୧୯।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ‘ବାସ୍ତବ’ ପରିବାର ଆନୁକୂଲ୍ୟରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ନର୍ସରୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୩ ଶହ ଛାତ୍ରୀଛାତ୍ରଙ୍କୁ ନେଇ ଚାରୋଟି ବିଭାଗ ମାଧ୍ୟମରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ କାଶୀନାଥ ରଣା ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ପିଲାମାନଙ୍କୁ ପ୍ରମାଣ ପତ୍ର ଏବଂ ମେଡାଲ ପ୍ରଦାନ କରି ଉତ୍ସାହିତ କରିଥିଲେ। ଅମରେଶ ବାସୁରୀ, ମହେନ୍ଦ୍ର ନାଥ ଦଣ୍ଡପାଟ, ନରସିଂହ ବାରିକ ପ୍ରମୁଖ ସଂସ୍ଥାର ବରିଷ୍ଠ ସଦସ୍ୟ ତଥା ପ୍ରଖ୍ୟାତ ଚିତ୍ରଶିଳ୍ପୀ ସୌର ବିହାରୀ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗୀଙ୍କ କଳାକୃତିକୁ ଆକଳନ କରାଯାଇଥିଲା। ଏହି ପ୍ରତିଯୋଗିତାର ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ଅନୁଷ୍ଠାନର ସୁନନ୍ଦନ ବୃତ୍ତି ଯୋଜନାର ସମ୍ବର୍ଦ୍ଧନା ସଭାରେ ପୁରସ୍କୃତ କରାଯିବ ବୋଲି ସଂସ୍ଥାର ସମ୍ପାଦକ ଅରୁଣ ପାତ୍ର ପ୍ରକାଶ କରିଛନ୍ତି। ସଭାପତି ଶାନ୍ତନୁ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦସ୍ୟ ପ୍ରଦୀପ ପାଣିଗ୍ରାହୀ, ପ୍ରଦୀପ କିଶୋର ମହାନ୍ତି, ସର୍ବୋତୋଷ ଦାଶ, ନନ୍ଦଲାଲ ମିଶ୍ର, ଚକ୍ରଧର ମହାପାତ୍ର, ସୁଧାଂଶୁ ଚକ୍ର, ମାନସ ଦାଶ, ତପନ ପଟ୍ଟନାୟକ, ଜୟନ୍ତ ସେନାପତି, କାମିନୀ କାନ୍ତ ମାଲାକାର, ଶମ୍ଭୁଦୟାଲ ଖଣ୍ଡେଲୱାଲ, ବିନୋଦ ସାହୁ, ଗଣେଶ ମହାପାତ୍ର, ଦେବାନନ୍ଦ ଜେନା, ଅଶ୍ୱିନୀ ବ୍ରହ୍ମା, ରଞ୍ଜନ ଗଡ଼ନାୟକ, ଅନୀଲ ପଣ୍ଡା, ବଳରାମ ଭଦ୍ର, ସଞ୍ଜୀବ ପଟ୍ଟନାୟକ, ସାମାଜିକ କର୍ମୀ ଅମର କୁମାର ସେଠି ଓ ସୋମନାଥ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ରାହ୍ମଣ ମହାସଂଘ ପକ୍ଷରୁ ପର୍ଶୁରାମ ଜୟନ୍ତୀ

ବାରିପଦା, ୧୯।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାଠାରେ ରାଜ୍ୟ ବ୍ରାହ୍ମଣ ମହାସଂଘ ମୟୂରଭଞ୍ଜ ଶାଖା ପକ୍ଷରୁ ଭଗବାନ ପର୍ଶୁରାମ ଜୟନ୍ତୀ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ରାହ୍ମଣ ମହାସଂଘର ରାଜ୍ୟ ସଭାପତି ଡା. ସଦାନନ୍ଦ ଦୀକ୍ଷିତ, ମୟୂରଭଞ୍ଜ ଜିଲା ସଭାପତି ଅଲେଖ ରଞ୍ଜନ ପାଠୀ, ଜିଲା ସମ୍ପାଦକ ଡା. ଆଦିତ୍ୟ ପଣ୍ଡା, ବାରିପଦା ଜଗନ୍ନାଥ ମନ୍ଦିରର ପୂଜାପଣ୍ଡା ଅରୁଣ କୁମାର ମିଶ୍ର ପ୍ରମୁଖଙ୍କ ସମେତ ଜିଲାର ବିଭିନ୍ନ ସ୍ଥାନରୁ ୫୦ରୁ ଅଧିକ ବ୍ରାହ୍ମଣ ସମାଜର ସଦସ୍ୟ ଯୋଗ ଦେଇଥିଲେ। ପର୍ଶୁରାମ ଜଣେ ବ୍ରାହ୍ମଣ ଯୋଦ୍ଧା ଥିଲେ, ଯିଏ ଧର୍ମର ସ୍ଥାପନା ପାଇଁ ଅଧର୍ମୀଙ୍କ ବିରୋଧରେ ଯୁଦ୍ଧ କରିଥିଲେ। ତେଣୁ ଭଗବାନ ପର୍ଶୁରାମଙ୍କୁ ବ୍ରାହ୍ମଣ କୂଳର ପ୍ରଥମ ଗୁରୁ ବା ମାର୍ଗ ଦର୍ଶକ ରୂପେ ବିବେଚନା କରାଯାଏ ବୋଲି ସଂଘ କାର୍ଯ୍ୟକର୍ତ୍ତା କହିଥିଲେ। ବ୍ରାହ୍ମଣ ସମାଜରେ ଦରିଦ୍ର ସୀମାରେଖା ତଳେ ରହିଥିବା ବ୍ରାହ୍ମଣମାନଙ୍କୁ ସଂଗଠନ ପକ୍ଷରୁ କିଭଳି ସାହାଯ୍ୟ ଏବଂ ସହଯୋଗ କରାଯାଇପାରିବ ସେ ନେଇ ମଧ୍ୟ ରାଜ୍ୟ ସଭାପତି ଦୀକ୍ଷିତ ସୂଚନା ଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ରାହ୍ମଣ ମହାସଂଘର କାର୍ଯ୍ୟକର୍ତ୍ତାମାନେ।

## ପ୍ରଚଣ୍ଡ ତାତି, ଲୋକେ କଲବଲ

### ୩ ଦିନ ବନ୍ଦ ରହିବ ଶିକ୍ଷାନୁଷ୍ଠାନ

ରାଇରଙ୍ଗପୁର, ୧୯।୪ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ରାଇରଙ୍ଗପୁର ସହରାଞ୍ଚଳ ସମେତ ବିଭିନ୍ନ ବ୍ଲକ ଅଞ୍ଚଳରେ ରବିବାର ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅତିଷ୍ଠ କରିଛି। ତାତି ସାଙ୍ଗକୁ ଗୁଲୁଗୁଲି ଯୋଗୁ ସହରାଞ୍ଚଳ ସମେତ ଗ୍ରାମାଞ୍ଚଳର ଲୋକେ କଲବଲ ହେଉଛନ୍ତି। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲୋକେ ଘରୁ ପଦାକୁ ବାହାରି ପାରୁ ନ ଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ବଜାର, ବ୍ୟବସାୟ ଅନୁଷ୍ଠାନ ଗୁଡିକ ଜନଶୂନ୍ୟ ହୋଇ ପଡୁଥିବା ପରିଲକ୍ଷିତ ହେଉଛି। ରବିବାର ଅପରାହ୍ନ ପ୍ରାୟ ୧ଟା୩୦ ମିନିଟ ସୁଦ୍ଧା ରାଇରଙ୍ଗପୁର ଅଞ୍ଚଳରେ ତାପମାତ୍ରା ୩୯ ଡିଗ୍ରୀ ଥିବା ଜଣାପଡ଼ିଛି। ଜିଲା ପ୍ରଶାସନ ପକ୍ଷରୁ ରାଇରଙ୍ଗପୁର ଉପଖଣ୍ଡ ଅଞ୍ଚଳର ସମସ୍ତ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନକୁ ଆସନ୍ତା ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ୩ ଦିନ ପାଇଁ ବନ୍ଦ ରଖିବା ସକାଶେ ନିର୍ଦ୍ଦେଶନାମା ଜାରି କରାଯାଇଛି।

## ଶିକ୍ଷୟିତ୍ରୀ ନିଖୋଜ, ଥାନାରେ ଅଭିଯୋଗ

ବାରିପଦା, ୧୯।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ଢେଙ୍କିନେଞ୍ଜିଆ ୟୁପିଏସ ସ୍କୁଲର ଜନଗଣନା କାର୍ଯ୍ୟରେ ନିୟୋଜିତ ସହକାରୀ ଶିକ୍ଷୟିତ୍ରୀ ନିଖୋଜ ନେଇ ଥାନାରେ ଅଭିଯୋଗ ହୋଇଛି । ଜନଗଣନା କାର୍ଯ୍ୟ କରିବାକୁ ଯାଇ ଘରକୁ ନ ଫେରିବାରୁ ଭଡ଼ାଘରେ ରହୁଥିବା ମାଲିକ ସୁରେଶ ଚନ୍ଦ୍ର ସି ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ଶିକ୍ଷୟିତ୍ରୀ ଜଣକ ହେଲେ ଜ୍ୟୋତ୍ସ୍ନାରାଣୀ ସାହୁ।

ସୂଚନାଯୋଗ୍ୟ, ୬ ମାସ ଧରି ସୁରେଶଙ୍କ ଘରେ ଜ୍ୟୋତ୍ସ୍ନା ରହି ଶିକ୍ଷକତା କରୁଥିଲେ। ୧୮ତାରିଖ ସକାଳ ୭ଟାରେ ସେ ସ୍କୁଲକୁ ଯାଇ ଜନଗଣନା କାର୍ଯ୍ୟରେ ରହି ଗୃହ ଗଣନା କରୁଥିଲେ। ତେବେ ଅପରାହ୍ନରେ ଘରକୁ ନ ଫେରିବା ଓ ତାଙ୍କ ମୋବାଇଲ ସୁଇଚ ଅଫ୍ ହୋଇଥିବାରୁ କୌଣସି ଯୋଗାଯୋଗ ହୋଇପାରି ନାହିଁ। ଯାହାକୁ ନେଇ ଥାନାରେ ଅଭିଯୋଗ କରାଯାଇଛି । ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ସୂଚନା ମିଳିଛି।

## ପୋଲିସ ସହାୟତାରେ ପ୍ରାପ୍ୟ ପାଇଲେ ଦୃଷ୍ଟିହୀନ ପିଲା



କରଞ୍ଜିଆ, ୧୯।୪ (କବିତା ମହାନ୍ତ)

କରଞ୍ଜିଆ ଥାନା ପୋଲିସ ସହାୟତାରେ ଦୃଷ୍ଟିହୀନ ପିଲାମାନେ ସେମାନଙ୍କ ଗୀତ ଗାଇବା ବାବଦ ପ୍ରାପ୍ୟ ପାଇଛନ୍ତି। ଏହି ଥାନା ଅଧୀନ ମଲାରପଦା ଗ୍ରାମର ଜଣେ ବ୍ୟକ୍ତି ୭ ଜଣ ଦୃଷ୍ଟିହୀନ ପିଲାଙ୍କୁ ଗୀତ ଗାଇବା ପାଇଁ ଡାକି ନେଇଥିଲେ। ପ୍ରୋଗ୍ରାମ ସରିଲା ପରେ ଉକ୍ତ ବ୍ୟକ୍ତି ଜଣକ ଆଉ ପିଲାମାନଙ୍କ ଫୋନ ଉଠାଇଲେ ନାହିଁ କି କୌଣସି ପାଉଣା ଦେଲେନାହିଁ। ଫଳରେ ଦୃଷ୍ଟିହୀନ ପିଲାମାନେ କରଞ୍ଜିଆ ଥାନାର ଦ୍ୱାରସ୍ଥ ହୋଇଥିଲେ। କରଞ୍ଜିଆ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଫୋନ ନମ୍ବର ଟ୍ରାକ୍ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାକୁ ଡାକି ତାଙ୍କଠାରୁ ପିଲାମାନଙ୍କ ପ୍ରାପ୍ୟ ବାବଦ ୩୦୦୦ ଟଙ୍କା ଆଦାୟ କରି ସେମାନଙ୍କୁ ଦେଇଥିବା ସୂଚନା ମିଳିଛି।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

### ଟ୍ରକ୍ ଧକ୍କାରେ ଯୁବକ ମୃତ, ୨ ଗୁରୁତର

କୁଳିଅଣା, ୧୯।୪ (ଆଦିକନ୍ଦ ସାହୁ)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର କାମତା ଛକଠାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇ ଜଣ ଗୁରୁତର ହୋଇଛନ୍ତି। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ମୃତ ଯୁବକ ଜଣକ ହେଲେ ସୁକୁଆପୋଡ଼ା ଗ୍ରାମର ବଇଲା ଚପେୟାରଙ୍କ ପୁଅ ମାଇସା ଚପେୟାର(୩୦)। ଗୁରୁତର ୨ ଜଣଙ୍କ ପରିଚୟ ମିଳିପାରିନାହିଁ। ଚିକିତ୍ସା ପାଇଁ ସେମାନଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି।


ରାସ୍ତାରୋକୋ ଯୋଗୁ ଗାଡ଼ି ଚଳାଚଳ ବନ୍ଦ ରହିଛି।

ସୂଚନା ଅନୁଯାୟୀ, ରବିବାର ଅପରାହ୍ନ ୩ଟା୩୦ମିନିଟ ସମୟରେ ଏକ ପଲସର ବାଇକ୍ ଯୋଗେ ୩ଜଣ ବାରିପଦାରୁ ନିଜ ଘର କୁଳିଅଣା ଥାନା ଅଧୀନ ସୁକୁଆପୋଡ଼ାକୁ ରାଜପଥ ଅତିକ୍ରମ କରି ଯାଉଥିବାବେଳେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମାଇସାଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ଜଣ ଗୁରୁତର ହୋଇଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିବାରୁ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ଖବରପାଇ ବାରିପଦା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଅତିରିକ୍ତ ତହସିଲଦାର ପ୍ୟାରୀ ମୋହନ ହେମ୍ବ୍ରମ ଏବଂ କୁଳିଅଣା ଥାନା ଅଧିକାରୀ ସୁଦିପ କୁମାର ମହାପାତ୍ର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଦୀର୍ଘ ୨ଘଣ୍ଟା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲ। କୁଳିଅଣା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତକଙ୍କ ପରିବାରକୁ ରେଡକ୍ରସ ତରଫରୁ ୩୦ ହଜାର ଟଙ୍କା ପ୍ରଦାନ କରାଯିବା ଓ ଦୁର୍ଘଟଣାସ୍ଥଳରେ ଏକ ଗଳାପୋଲ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଥିଲେ।

## ବାଆ ବୋଙ୍ଗା ପରବ

ବାରିପଦା, ୧୯।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶ୍ୟାମାଖୁଣ୍ଟା ବ୍ଲକ ଲାଲଗଞ୍ଜ ଗ୍ରାମରେ ଆଦିବାସୀ ସମୁଦାୟର ପ୍ରାଚୀନ ପରମ୍ପରା, ପ୍ରକୃତି ପ୍ରତି ଆଦର ଓ ସାମୂହିକ ଏକତାର ପ୍ରତୀକ ବାଆ ବୋଙ୍ଗା ପରବର ୯ମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ବାଆ ବୋଙ୍ଗା କମିଟି ପକ୍ଷରୁ ଏହି ତିନିଦିନିଆ ପରବ ୧୩ରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ ଆୟୋଜିତ ହୋଇ ଗ୍ରାମବାସୀଙ୍କ ମଧ୍ୟରେ ସାଂସ୍କୃତିକ ଉତ୍ସାହକୁ ଆହୁରି ଜୀବନ୍ତ କରିଥିଲା। ଗ୍ରାମର ପାରମ୍ପରିକ ପୂଜକ ପାହାନଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଜଙ୍ଗଲକୁ ଯାଇ ଶାଳ ଗଛକୁ ପୂଜା କରିଥିଲେ। ଫୁଲରେ ଭରିଥିବା ଶାଳ ଡାଳକୁ ଗୀତ, ଢୋଲ ଓ ନୃତ୍ୟ ସହ ଗ୍ରାମକୁ ଆଣାଯାଇଥିଲା। ଶାଳ ଫୁଲ ପ୍ରତ୍ୟେକ ପରିବାରକୁ ବଣ୍ଟନ କରାଯାଇ ଘରେ ଘରେ ପୂଜାର ଆୟୋଜନ ହୋଇଥିଲା। ପରେ ଗ୍ରାମର ପବିତ୍ର ସାର୍ନାରେ ପାହାନମାନଙ୍କ ଦ୍ୱାରା ସମୂହ ପୂଜା ହୋଇଥିଲା। ଏହି ପୂଜାରେ ବୁରୁ ବୋଙ୍ଗା ଓ ଧରତୀ ଆବା ବିର୍ସା ମୁଣ୍ଡା ବୋଙ୍ଗାଙ୍କୁ ଆହ୍ୱାନ କରାଯାଇ ଗ୍ରାମର ଶାନ୍ତି, ସମୃଦ୍ଧି ଓ ସମ୍ପ୍ରୀତି ପାଇଁ ପ୍ରାର୍ଥନା କରାଯାଇଥିଲା। ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର କେନ୍ଦ୍ରୀୟ ସଂଯୋଜକ ବୀରବଲ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନାରାମ ସିଂ, ସୁଗାଳ ସାଙ୍ଗମ ସଭାପତି, ରାମେଶ୍ୱର ଚାଲାକି ସମ୍ପାଦକ, ଦାଶରଥ ସିଂ, ୨୨ନଂ. ଜୋନ ଜିଲା ପରିଷଦ ସଦସ୍ୟ ମଧୁସୂଦନ ସିଂ, ୪୯ ନଂ. ଜୋନ ଜିଲା ପରିଷଦ ସଦସ୍ୟ ଓ ମନୋଜ ମୁଣ୍ଡା, ଉପଦେଷ୍ଟା ଭାରତ ମୁଣ୍ଡା ଉଦ୍‌ବୋଧନ ଦେଇଥିଲେ। ଆଦିତ୍ୟ କୁମାର ସିଂ, ଡାକ୍ତର ସିଂ, ଖାଲିପା ସିଂ, ତାରୁଲତା ସିଂ, ରୁକ୍ମଣୀ ସିଂ, ରଶ୍ମିତା ସିଂ ଓ ଉଦଗା ସିଂଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଅଜିତ କୁମାର ରାଇରଙ୍ଗପୁର ନୂଆ ଅତିରିକ୍ତ ଜିଲାପାଳ

ରାଇରଙ୍ଗପୁର, ୧୯।୪ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲାପାଳ ଭାବେ ଅଜିତ କୁମାର (ଆଇଏଏସ)ଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ନିଯୁକ୍ତି ମିଳିଛି। ରାଜ୍ୟପାଳଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସରକାରଙ୍କ ଅତିରିକ୍ତ ଶାସନ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଅଜିତ କୁମାରଙ୍କୁ ରାଇରଙ୍ଗପୁର ଅତିରିକ୍ତ ଜିଲାପାଳ ଭାବେ ନିଯୁକ୍ତି ନିର୍ଦ୍ଦେଶ ନାମା ଜାରି କରାଯାଇଛି। ଅପରପକ୍ଷରେ ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ରାଇରଙ୍ଗପୁର ଉପ ଜିଲାପାଳ ପଦବୀରେ ଗତ କିଛି ଦିନ ତଳେ କଳାହାଣ୍ଡି ଜିଲା ଧର୍ମଗଡ଼ ଅତିରିକ୍ତ ଉପଜିଲାପାଳ ଅଜୟ ପ୍ରକାଶ ତିର୍କୀଙ୍କୁ ନିଯୁକ୍ତି ମିଳିଥିଲା। ମାତ୍ର ତାଙ୍କୁ କାର୍ଯ୍ୟଭାର ନ ମିଳିବା ଫଳରେ ସେ ଫେରି ଯାଇଥିବା ଜଣାପଡ଼ିଛି।

# ଘୋଷଣା ହେଲା ମୟୂରଭଞ୍ଜ ଦଳ

### ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଚାମ୍ପିୟନଶିପ

ବାରିପଦା, ୧୯।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାଲେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ୭୮ତମ ରାଜ୍ୟସ୍ତରୀୟ ଭଲିବଲ ଚାମ୍ପିୟନଶିପରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ପୋଲିସ ଦଳ ଘୋଷଣା କରାଯାଇଛି। ଦଳରେ ହରିହର ମଲ୍ଲିକ (ଅଧିନାୟକ)ଙ୍କ ସମେତ ନିରଞ୍ଜନ ନାଏକ, ଆଶିଷ କୁମାର ସେଠି, ଲକ୍ଷ୍ମୀ ନାରାୟଣ ସାହୁ, ଚନ୍ଦ୍ରବିନ୍ଦୁ ସେଠି, ମିଲୁ ମହାନ୍ତ, ବିକାଶ ଗିରି, ଅଂଶୁମାନ ପଣ୍ଡା, ଜଗତ ଜୀବନ ସେଠି, ସ୍ନେହାଶିଷ ମହାନ୍ତି, ଅଞ୍ଜନ ବେହେରା, ଜନ୍ମେଜୟ ଦାସ ପ୍ରମୁଖ ଦଳରେ ସ୍ଥାନ ପାଇଛନ୍ତି। ରାଜେଶ ଦାସ କୋଚ ଓ କେ ବିଶ୍ୱନାଥ ରାଓ ଟିମ ମ୍ୟାନେଜର ଭାବେ ଦଳ ସହ ଗସ୍ତ କରିବେ। ଏନଏଇଏସ କୋଚ ମନୋରଞ୍ଜନ ଜୀଉ, ପୋଲିସ ଆଲୋକ କୁମାର କାନୁନଗୋ, ସାରଜେଣ୍ଟ ଗୌତମ ପ୍ରଧାନ, ବରିଷ୍ଠ କ୍ରୀଡ଼ାବିତ ଭାନୁପ୍ରତାପ ଭଞ୍ଜଦେଓ, ମୟୂରଭଞ୍ଜ ପୋଲିସ ସଂଘ ସମ୍ପାଦକ ସ୍ୱରାଜ କୁମାର ରାଜ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ସଫଳତା କାମନା କରିଥିଲେ।


ମୟୂରଭଞ୍ଜ ପୋଲିସ ଦଳ ।

## ସଂକ୍ଷେପରେ

### ଦୁର୍ବୃତ୍ତଙ୍କ ଆକ୍ରମଣରେ ବନ ବିଭାଗ ଡ୍ରାଇଭର ଗୁରୁତର

ସିମୁଳିଆ,୧୯।୪(ସନ୍ତୋଷ କୁମାର ନାୟକ)- ବାଲେଶ୍ୱର ଜିଲା କୁପାରି ବନ ବିଭାଗ ଡ୍ରାଇଭର ଆତ୍ମାରାମ ଷେଣ୍ଠ(୨୯) ରବିବାର ସକାଳେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଘର ଖଇରା ବ୍ଲକ ମାଖନପୁର ପଞ୍ଚାୟତ ସାଉଣ୍ଡିଆ ଅଞ୍ଚଳରେ। ଗୁରୁତର ଆତ୍ମାରାମଙ୍କ ବାପା ପ୍ରଶାନ୍ତଙ୍କ ସୂଚନା ଅନୁଯାୟୀ, ମାଖନପୁର ଅଞ୍ଚଳରୁ ଚୋରା କାଠ ବୋଝେଇ ଗାଡ଼ି ଯାଉଥିବା ବନ ବିଭାଗ ଅଫିସରୁ ଖବର ଆସିଥିଲା। ଆତ୍ମାରାମ ନିଜ ଗାଁରେ ଥିବାରୁ ମୋଟର ସାଇକେଲ ଯୋଗେ ଉକ୍ତ ଚୋରା କାଠ ବୋଝେଇ ଗାଡ଼ିର ପିଛା କରିଥିଲେ। ଦୁର୍ବୃତ୍ତମାନେ ବକ୍ରେଶ୍ୱର ମହାଦେବ ମନ୍ଦିର ନିକଟରେ ଥିବା କାଂଶବାଂଶ ନଦୀ ପୋଲ ଉପରେ ଆତ୍ମାରାମଙ୍କୁ ମାଡ଼ମାରି ଗୁରୁତର କରିବା ସହିତ ତାଙ୍କ ମୋଟରସାଇକେଲକୁ ମଧ ଭାଙ୍ଗି ଦେଇଛନ୍ତି। ଏହା ବ୍ୟତୀତ ତାଙ୍କ ମୋବାଇଲ ଓ ସୁନା ଚେନ ଦୁର୍ବୃତ୍ତମାନେ ଲୁଟିନେଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ଟିଭି ଦେଖିବାକୁ ବାରଣ କରିବାରୁ ନାବାଳିକାଙ୍କ ଆତ୍ମହତ୍ୟା

ସିମୁଳିଆ,୧୯।୪(ସନ୍ତୋଷ କୁମାର ନାୟକ)- ବାଲେଶ୍ୱର ଜିଲା ସିମୁଳିଆ ଥାନା କୁପୁରା ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଟିଭି ଦେଖିବା ପାଇଁ ମା' ବାରଣ କରିବାରୁ ଜଣେ ନାବାଳିକା ଆତ୍ମହତ୍ୟା କରିଛନ୍ତି। ମୃତ ନାବାଳିକା ଜଣଙ୍କ ହେଲେ ଧରିତ୍ରୀ ମହାରଣା(୧୫)। ସେ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀରେ ପାଠ ପଢୁଥିଲେ । ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ଗାଧୋଇବା କିମ୍ବା ଖିଆପିଆ ନ କରି ଟିଭି ଦେଖୁଥିବାରୁ ଧରିତ୍ରୀଙ୍କୁ ତାଙ୍କ ମା' ଆକଟ କରିଥିଲେ। ଏଥିରେ କ୍ରୋଧାନ୍ୱିତ ହୋଇ ଧରିତ୍ରୀ ଗାଧୋଇବା ଘର ଭିତରପଟୁ କବାଟ ବନ୍ଦ କରି ଗାମୁଛା ସାହାଯ୍ୟରେ ଫାଶୀ ଦେଇ ଝୁଲି ପଡ଼ିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ କବାଟ ନ ଖୋଲିବାରୁ ତାଙ୍କ ମା' ପଡ଼ୋଶୀଙ୍କୁ ଡାକି କବାଟ ଭାଙ୍ଗି ତାଙ୍କୁ ସିମୁଳିଆ ମେଡିକାଲକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ନାବାଳକଙ୍କୁ ଚାପିଦେଲା ଜେସିବି

ଖଇରା/ସୋର,୧୯।୪(ଉତ୍କଳବନ୍ଧୁ ପଣ୍ଡା/ଜନ୍ମେଜୟ ମିଶ୍ର)- ବାଲେଶ୍ୱର ଜିଲା ଖଇରା ଥାନା ଡାଲଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ଖଇରାଡିହି ଗ୍ରାମର ଅଣଓସାରିଆ ରାସ୍ତାରେ ଦ୍ରୁତଗତିରେ ଆସୁଥିବା ଏକ ଜେସିବି ଚାପି ଦେବାରୁ ମହେଶ୍ୱର ମଲ୍ଲିକଙ୍କ ଦେଢବର୍ଷର ଶିଶୁପୁତ୍ର ଶିବାଂଶୁଙ୍କର ମୃତ୍ୟୁ ଘଟିଛି। ରବିବାର ମଧ୍ୟାହ୍ନ ୧୨ଟା ବେଳେ ଶିବାଂଶୁ ଜେଜେ ମା'ଙ୍କ ପଛେ ପଛେ ରାସ୍ତା ଅତିକ୍ରମ କରୁଥିବା ବେଳେ ଡ୍ରାଇଭରଙ୍କ ଅସାବଧାନତା ଯୋଗୁ ଜେସିବି ଶିବାଂଶୁ ଉପରେ ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଡ୍ରାଇଭର ଜେସିବି ଛାଡ଼ି ଫେରାର ହୋଇଯାଇଛନ୍ତି। ଖବରଦିଆଯିବା ସତ୍ତ୍ୱେ ପୋଲିସ ସନ୍ଧ୍ୟାସୁଦ୍ଧା ଘଟଣାସ୍ଥଳରେ ପହଞ୍ଚି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ବରିଷ୍ଠ କଂଗ୍ରେସ ନେତାଙ୍କ ବିୟୋଗ

ବସ୍ତା,୧୯।୪(ହରି ଶଙ୍କର ପାଢ଼ୀ): ବସ୍ତା କଂଗ୍ରେସର ବରିଷ୍ଠ ନେତା, ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ କଳାକାର, ଗାନ୍ଧୀଙ୍କ ଜୀବନ ଉପରେ ପୁସ୍ତକ ରଚନା କରି ସୁନାମ ଅର୍ଜନ କରିଥିବା ବସ୍ତା ବ୍ଲକ୍ ଅନ୍ତର୍ଗତ ବାହାର୍ଦ୍ଦା ଗ୍ରାମର ବିଦ୍ୟାଧର ବେହେରା(୮୬)ଙ୍କ ରବିବାର ପରଲୋକ ହୋଇଛି। ବିୟୋଗରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ସଦସ୍ୟ ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚଣ୍ଡ, ପୂର୍ବତନ ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, କବି କାଳିପଦ ପଣ୍ଡା, କଂଗ୍ରେସ ନେତା ବିଜନ ନାୟକ ଶୋକ ପ୍ରକାଶ କରିଛନ୍ତି। ବସ୍ତା ବ୍ଲକ୍ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଜିଲା କଂଗ୍ରେସ କମିଟି ଉପସଭାପତି ସୁଧାଂଶୁ ଶେଖର ଜେନା, ରବିନ୍ଦ୍ର ଦାସ, ଜନ ଜୀବନ ପ୍ରଧାନ, ଶୁଶାନ୍ତ ପରିଡ଼ା, ମଦନ ଜେନା ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ, ନାତି ନାତୁଣୀ, ଓ ଆତ୍ମୀୟ ଉପସ୍ଥିତ ଥିଲେ।

# ଐତିହ୍ୟର ସୁରକ୍ଷା ଉପରେ ଗୁରୁତ୍ୱ



ସେମିନାରରେ ଉପସ୍ଥିତ ଅତିଥି, ଗବେଷକ ଓ ଛାତ୍ରୀଛାତ୍ର।

### ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଐତିହ୍ୟ ଦିବସ

ବାଲେଶ୍ୱର, ୧୯।୪(ବାଞ୍ଛାନିଧି ଦେ):

ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଶନିବାର ବିଶ୍ୱ ଐତିହ୍ୟ ଦିବସ ଅବସରରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ସେମିନାରରେ ଶିକ୍ଷାବିତ୍, ବିଶେଷଜ୍ଞ ଓ ଗବେଷକମାନେ ଯୋଗଦେଇ ଓଡ଼ିଶାର ସ୍ପର୍ଶନୀୟ, ଅସ୍ପର୍ଶନୀୟ ଐତିହ୍ୟର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗଦେଇ ଓଡ଼ିଶାର ଲୋକସଂସ୍କୃତି ଓ ଆଦିବାସୀ ଐତିହ୍ୟ ସୁରକ୍ଷାର ଆବଶ୍ୟକତା ଉପରେ କହିଥିଲେ। ସମ୍ମାନିତ ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଏଆଇଏଚ୍‌ସି ଓ ପ୍ରତ୍ନତତ୍ତ୍ୱ ବିଭାଗର ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ଯୋଗଦେଇ ଓଡ଼ିଶାର ଐତିହାସିକ ସ୍ଥଳଗୁଡ଼ିକର ବର୍ତ୍ତମାନ ସ୍ଥିତି, ସେଗୁଡ଼ିକର ସୁରକ୍ଷା ପାଇଁ ସରକାରୀ ପଦକ୍ଷେପ ବିଷୟରେ ଅବଗତ କରାଇବା ସହ ଏକ ଭିଜୁଆଲ ପ୍ରଦର୍ଶନୀ ମାଧ୍ୟମରେ ନିଜ ଉପସ୍ଥାପନାକୁ ସ୍ପଷ୍ଟ କରିଥିଲେ। ପୂର୍ବତନ ରାଜନୀତି ବିଜ୍ଞାନ ପ୍ରଫେସର ଶ୍ୟାମସୁନ୍ଦର ଆଚାର୍ଯ୍ୟ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡ. ଉମାକାନ୍ତ ମିଶ୍ର ଯୋଗଦେଇ ଅସ୍ପର୍ଶନୀୟ ସାଂସ୍କୃତିକ ଐତିହ୍ୟ ସୁରକ୍ଷାର ଗୁରୁତ୍ୱ ଉଲ୍ଲେଖ କରିଥିଲେ। ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ସଂଯୋଜକ ପ୍ରଫେସର ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଆନ୍ଥ୍ରୋପୋଲୋଜି ବିଭାଗର ଡ. ଆକାଶ ମଲ୍ଲିକ ଅତିଥି ପରିଚୟ ପ୍ରଦାନ, ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗର ସହାୟକ ପ୍ରଫେସର ଡ. ଶିଖାଶ୍ରୀ ରାୟ ସେମିନାରର ବିଷୟବସ୍ତୁ ପ୍ରସ୍ତୁତ କରିଥିଲେ। ଅଧ୍ୟାପକ ଶଶାଙ୍କ ଶେଖର ଗଡନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଜିନାପ୍ରିୟଙ୍କା ଜେଠୀ ଧନ୍ୟବାଦ ଦେଇଥିଲେ।

# ଆବାସିକ ଯୋଗ ପ୍ରଶିକ୍ଷଣ ଶିବିର



ଶିବିରରେ ଯୋଗ ଶିକ୍ଷା ଦିଆଯାଉଛି।

ବାଲିଆପାଳ,୧୯।୪ (ରାଜଶ୍ରୀ ପାଣିଗ୍ରାହୀ):

ବାଲେଶ୍ୱର ଜିଲା ବାଲିଆପାଳ ଯୋଗ ସମିତି ଦ୍ୱାରା ପରିଚାଳିତ ପଞ୍ଚାୟତସ୍ତରୀୟ ଦ୍ୱି-ଦିବସୀୟ ଆବାସିକ ଯୋଗ ପ୍ରଶିକ୍ଷଣ ଶିବିର କାଳିପଦା ନାଭଡ଼ାସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଘାଯତିନ ସ୍ମୃତି ପରିଷଦ ଏବଂ ଯୁବ ବିକାଶ ଫାଉଣ୍ଡେଶନର ମିଳିତ ଉଦ୍ୟମରେ ଆୟୋଜିତ ଶିବିରକୁ ଯୋଗ ଶିକ୍ଷକ ଜଗନ୍ନାଥ ଦେ ଉଦ୍‌ଘାଟନ କରିଥିଲେ। ଯୋଗ ମଣିଷ ଜୀବନର ମୂଳମନ୍ତ୍ର ବୋଲି ସେ କହିଥିଲେ। ପ୍ରଶିକ୍ଷିକା ମଧୁସ୍ମିତା ରାଉତ, ମୁନି ସମାଜର ପ୍ରଶିକ୍ଷକ ରତ୍ନାକର କୁହ୍ଲାରି ଶିବିରକୁ ଆସିଥିବା ଲୋକଙ୍କୁ ଯୋଗ ଶିଖାଇଥିଲେ। ଶ୍ରୀରାମପୁର, ମଧୁପୁରା, ବାଲିଆପାଳ, ପ୍ରତାପପୁର, ଚଉମୁଖ, ଅଳାଡ଼ିହା, ଅସ୍ତି, ବିଷ୍ଣୁପୁର, ଡ଼ଗରା, ବଡ଼ାସ ଆଦି ପଞ୍ଚାୟତରୁ ପ୍ରତିନିଧିମାନେ ଏଥିରେ ଯୋଗ ଦେଇଥିଲେ। ବାଲିଆପାଳ ବ୍ଲକର ପ୍ରତି ପଞ୍ଚାୟତ, ଗ୍ରାମ ଏବଂ ଘରେ ଘରେ ଦୈନନ୍ଦିନ ଯୋଗ ଅଭ୍ୟାସ କରାଇ ଏକ ରୋଗମୁକ୍ତ ଜୀବନର ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା ଓ ଫାଉଣ୍ଡେଶନର ସମ୍ପାଦକ ଗୋବିନ୍ଦ ବଲ୍ଲଭ ଦଳାଇ କହିଛନ୍ତି। ଶିଶୁମନ୍ଦିରର ପ୍ରଧାନଗୁରୁଜୀ ରବୀନ୍ଦ୍ର କୁମାର ପଣ୍ଡା, ଜୟନ୍ତ କୁମାର ଦାସ, ମନ୍ମଥ ପାତ୍ର, ମମତା ଦାସ, ରବୀନ୍ଦ୍ର କର, ପରମାନନ୍ଦ ରାଉଳ, ମନୋରଞ୍ଜନ ବେହେରା, ନିର୍ମଳା ପ୍ରଧାନ, ନଳିନୀକାନ୍ତ ପାଢୀ, ସୁଜାତା ଦାସ, ଅଜିତ୍ କୁମାର କର, ହେମନ୍ତ କୁମାର ମୁଖୀ ପ୍ରମୁଖ ସହଯୋଗ କରିଥିଲେ।

# ସୁବର୍ଣ୍ଣରେଖା ଷ୍ଟ୍ରାଇକର୍ସ ବିଜେତା, ମହାନଦୀ ମାଷ୍ଟର୍ସ ଉପବିଜେତା



ଉପବିଜେତା ଦଳକୁ ପୁରସ୍କୃତ କରାଯାଉଛି।

### ସିଏମ୍ ଟ୍ରଫି ବାଳିକା କବାଡ଼ି ପ୍ରତିଯୋଗିତା

ବାଲେଶ୍ୱର, ୧୯।୪ (ବାଞ୍ଛାନିଧି ଦେ): ବାଲେଶ୍ୱର ଜିଲା ପ୍ରଶାସନ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲା କ୍ରୀଡ଼ାସଂଘର ମିଳିତ ସହଯୋଗରେ ସ୍ଥାନୀୟ ପରମିଟ ପଡ଼ିଆରେ ଚାଲିଥିବା ବାଳିକା କବାଡ଼ି ପ୍ରତିଯୋଗିତା (୧୬ ବର୍ଷରୁ କମ୍) ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡ଼ା ସଂଘର ବରିଷ୍ଠ ସଭ୍ୟ ହରେନ ଚନ୍ଦ୍ର ରଣା ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ସୁବର୍ଣ୍ଣରେଖା ଷ୍ଟ୍ରାଇକର୍ସ ବିଜେତା ଓ ମହାନଦୀ ମାଷ୍ଟର୍ସ ଉପବିଜେତା ହୋଇଛି। ଏହି ପ୍ରତିଯୋଗିତାରୁ ମନୋନୀତ ବାଳିକା ଦଳ ରାଜ୍ୟସ୍ତରୀୟ କ୍ରୀଡ଼ାରେ ଜିଲା ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ଜଣାଯାଇଛି। ଲକ୍ଷ୍ମୀଧର ଜେନା, ମନୋଜ କୁମାର ଜେନା, ପ୍ରାଣକୃଷ୍ଣ ମହାନ୍ତି, ସନ୍ଧ୍ୟା ମହାପାତ୍ର, ମଞ୍ଜୁ ମହାପାତ୍ର, ସୁମନା ନନ୍ଦୀ, ବବିତା ପାତ୍ର, ସନ୍ଧ୍ୟାରାଣୀ ସିଂ, ସେକ ଅବଦୁଲ ହାକିମ, ବବିତା ଗିରି, ମଳୟ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଜିଲା କ୍ରୀଡ଼ା ସଂଘର ଉପସଭାପତି ଜଗଦୀଶ ଚନ୍ଦ୍ର ବେହେରା, ଅମର କୁମାର ମହାନ୍ତ, ଯୁଗ୍ମ ସମ୍ପାଦକ ବିରେନ୍ଦ୍ର କୁମାର ସ୍ୱାଇଁ, ଜନ୍ମେଜୟ ଦେ, ସଞ୍ଜୟ ଲେଙ୍କା, ଗୋପାଳ ସେଠୀ, ଚିତ୍ତରଞ୍ଜନ ପାସା, ଅକ୍ଷୟେନ୍ଦୁ ଦାସ, ପ୍ରଦୀପ କୁମାର ଦାସ, ଦିଲୀପ ଜେନା, ସପ୍ନେନ୍ଦୁ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ଦିବ୍ୟାଙ୍ଗ ମହିଳାଙ୍କୁ ରାଶନ କାର୍ଡ ବଣ୍ଟନ

#### ଘର, ଭତ୍ତା ଦେବାକୁ ଦାବି କଲେ ଗ୍ରାମବାସୀ

ବାଲିଆପାଳ, ୧୯।୪ (ରାଜଶ୍ରୀ ପାଣିଗ୍ରାହୀ):

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଭିକାଗଡିଆ ଗ୍ରାମର ଦିବ୍ୟାଙ୍ଗ ମହିଳା ବାସନ୍ତୀ ପଢିହାରୀଙ୍କୁ ବାଲିଆପାଳ ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା ରବିବାର ରାଶନ କାର୍ଡ ବଣ୍ଟନ କରିଛନ୍ତି। ପ୍ରକାଶ ଯେ, ବାସନ୍ତୀ ଜଣେ ବିଧବା ଏବଂ ଶତପ୍ରତିଶତ ଦିବ୍ୟାଙ୍ଗ। ପରିବାର କହିଲେ କେବଳ ଗୋଟିଏ ଝିଅ। ସାହାଯ୍ୟ କରିବାକୁ ଘରେ କେହି ପୁରୁଷ ନ ଥିବାରୁ ରାଶନ କାର୍ଡ ପଞ୍ଜୀକରଣ କରିବା ପାଇଁ ମଧ ସମ୍ଭବ ହୋଇପାରି ନ ଥିଲା। ଜଗତିପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ବର୍ଷାରାଣୀ ନାୟକ ଏନେଇ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗୀୟ ଅଧିକାରୀ ଏହାକୁ ବିଚାରକୁ ନେଇ ଗୋଟିଏ ଦିନ ମଧ୍ୟରେ ବାସନ୍ତୀଙ୍କ ଘରେ ପହଞ୍ଚି ତାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ଯୋଗାଇ ଦେଇଛନ୍ତି। ଏଥିସହ ଶୀଘ୍ର ରାଶନ ଯୋଗାଇ ଦେବା ପାଇଁ ସ୍ଥାନୀୟ ରିଟେଲଙ୍କୁ କହିଛନ୍ତି। ତେବେ ବ୍ଲକ ପ୍ରଶାସନ ପକ୍ଷରୁ ବାସନ୍ତୀଙ୍କୁ ଦିବ୍ୟାଙ୍ଗ ଭତ୍ତା, ଅନ୍ତୋଦୟ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ରାଶନ କାର୍ଡ ପ୍ରଦାନ ସମୟରେ ଜଗତିପୁର ସରପଞ୍ଚ ସୁବାସ ଚନ୍ଦ୍ର ବେହେରା, ସାମାଜିକ କର୍ମୀ ବିରଞ୍ଚି ପାତ୍ର, ଗଣେଶ ଚନ୍ଦ୍ର ବାଗ ଓ ପଦ୍ମ ଲୋଚନ ମାଝୀ ଉପସ୍ଥିତ ଥିଲେ।

# ନୂଆସାହିରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା



ଶ୍ରୀଚରଣ ଓ ସାଥୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଉଛି।

### ସନ୍ଧ୍ୟା ପରିବେଶକୁ ଭକ୍ତିମୟ କଲା ଶ୍ରୀଚରଣଙ୍କ ଭଜନ

ଖଇରା,୧୯।୪(ଉତ୍କଳବନ୍ଧୁ ପଣ୍ଡା):

ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଡିରା-ଗଣ୍ଡିବେଡ ଗ୍ରାମ ପଞ୍ଚାୟତ ଅଧୀନ ନୂଆସାହିଠାରେ ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରାଣପ୍ରତିଷ୍ଠା ଶନିବାର ଅନୁଷ୍ଠିତ ହୋଇଛି। ସକାଳେ କଳସ ଶୋଭାଯାତ୍ରା ଗାଁ ପୋଖରୀରୁ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା। ଦିବସ ବ୍ୟାପି ଯଜ୍ଞକର୍ମ ପରେ ସନ୍ଧ୍ୟାରେ ଶ୍ରୀଚରଣ ଓ ତାଙ୍କ ସାଥୀ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ମନୋମୁଗ୍ଧକର ଭଜନ ପରିବେଷଣ କରାଯାଇଥିଲା। ଏହି ଅବସରରେ ମନ୍ଦିର ପ୍ରତିଷ୍ଠାକୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସାହାଯ୍ୟ ସହଯୋଗ କରିଥିବା ବଦ୍ରିନାରାୟଣ ପାତ୍ର, ଜଗନ୍ନାଥ କୁଞ୍ଜବିହାରୀ ସ୍ୱାଇଁ, ବସନ୍ତ ପଣ୍ଡା, ଶଶିକାନ୍ତ ଜେନା,ଶଶିକାନ୍ତ ପଣ୍ଡା, ଜନହିତ ଯୁବକ ସଂଘ, ମୋ ଅନୁଷ୍ଠାନ ସାହିତ୍ୟ ସଂସଦ ସର୍ବୋପରି ମୁଖ୍ୟ ଉଦ୍ୟୋକ୍ତା ଅଭୟ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବିବାର ଦ୍ୱିତୀୟ ଦିବସରେ ପଣ୍ଡିତ ଧୀରେନ୍ଦ୍ର ଦାଶ, ଅଭିଳାଶ ମିଶ୍ର, ଲକ୍ଷ୍ମୀନାରାୟଣ ଦିକ୍ଷିତ, ସଞ୍ଜିତ ପଣ୍ଡା ଓ ଦିବେଶ ଦ୍ୱିବେଦୀଙ୍କ ଦ୍ୱାରା ଯଜ୍ଞାଦି କର୍ମ ଏବଂ ରାଧାଚରଣ ଦାଶଙ୍କ ତତ୍ତ୍ୱାବଧାନରେ ୩ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ଗ୍ରାମବାସୀ ସହଯୋଗ କରିଥିଲେ।

# ୫୧ ୟୁନିଟ ରକ୍ତ ସଂଗୃହୀତ

ବସ୍ତା,୧୯।୪(ହରିଶଙ୍କର ପାଢ଼ୀ)

ବସ୍ତା ସଦର ମୁଖ୍ୟାଳୟସ୍ଥିତ ପିଏମ୍‌ଶ୍ରୀ ଶମ୍ଭୁନାଥ ହାଇସ୍କୁଲ ପୁରାତନ ଛାତ୍ରସଂସଦ ଏବଂ ଓଡ଼ିଶା ରକ୍ତଦାତା ସଂଘର ମିଳିତ ସହଯୋଗରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଅତିଥି ଭାବେ ପ୍ରାକ୍ତନ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ରକ୍ତଦାତା ସଂଘର ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ପ୍ରେମାନନ୍ଦ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ସ୍କୁଲରେ ଗତବର୍ଷ ପ୍ଲାଟିନମ୍ ଜୁବୁଲି ପାଳିତ ହୋଇଥିବା ବେଳେ ଚଳିତବର୍ଷ ଏହି ଦିବସକୁ ମନେ ପକାଇବା ପାଇଁ ପୁରାତନ ଛାତ୍ରମାନଙ୍କ ଉଦ୍ୟମକ୍ରମେ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବିଦ୍ୟାଳୟ ତରଫରୁ ବିଦ୍ୟାଳୟର ଗୃହ ନିର୍ମାଣ ପାଇଁ ଅର୍ଥରାଶି ପ୍ରଦାନ କରିଥିବା ପ୍ରତିଭା ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଗନ ବିହାରୀ ଜେନା, ଅବସରପ୍ରାପ୍ତ ଶିକ୍ଷକ ବିଜୟ ପ୍ରମାଣିକ ପ୍ରମୁଖ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ଅଭୟ କୁମାର ଲେଙ୍କା, ଚିନ୍ମୟ ଶତପଥୀ, ବିରଞ୍ଚି ରାମ, ପ୍ରଦୀପ ବେହେରା, ଗୋକୁଳାନନ୍ଦ ଜେନା, ଗୌରାଙ୍ଗ ସେଠୀ, କମଳାକାନ୍ତ ଜେନା, ହରିଶଙ୍କର ପାଢ଼ୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ଅଦିନିଆ ବର୍ଷା, ଜନଜୀବନ ଆଶ୍ୱସ୍ତ

ଭୋଗରାଇ,୧୯।୪(ପ୍ରଦୀପ ଦାସ): ବାଲେଶ୍ୱର ଜିଲା ଭୋଗରାଇ, ଜଳେଶ୍ୱର, ବାଲିଆପାଳ ଓ ବସ୍ତା ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଘଡ଼ଘଡ଼ି ସହ ମଧ୍ୟମ ଧରଣର ବର୍ଷା ହୋଇଛି। ବର୍ଷା ଚାଷୀକୁଳକୁ ଚିନ୍ତିତ କରିଥିବାବେଳେ ଦିନର ତାପମାତ୍ରା ଓ ଗୁଳୁଗୁଳି ହ୍ରାସ ହୋଇ ଲୋକେ ଆଶ୍ୱସ୍ତ ହୋଇଛନ୍ତି। ବାଟୋଇମାନେ ଗନ୍ତବ୍ୟସ୍ଥଳକୁ ଯାଇ ନ ପାରି ସୁରକ୍ଷିତ ସ୍ଥାନରେ ଦୀର୍ଘ ସମୟ ଧରି ଅଟକି ରହିଥିଲେ। ବର୍ଷା ସାଙ୍ଗକୁ ପବନ ବହିବା ପୂର୍ବରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିବାର ସୂଚନା ମିଳିଛି।

# ଅବସରପ୍ରାପ୍ତ କଲ୍ୟାଣ ସମିତିର ବାର୍ଷିକ ସମ୍ମିଳନୀ

ଭୋଗରାଇ, ୧୯।୪( ପ୍ରଦୀପ ଦାସ ):

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ଜଳେଶ୍ୱରପୁରସ୍ଥିତ ପ୍ରାଥମିକ ଶିକ୍ଷକ ସଂଘ ଭବନରେ ରବିବାର ଅବସରପ୍ରାପ୍ତ କଲ୍ୟାଣ ସମିତିର ୮ମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବରିଷ୍ଠ ଶିକ୍ଷକ ନେତା ଗୋପବନ୍ଧୁ ମହାପାତ୍ରଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥିଭାବେ ଜିଲା ସଭାପତି ବନମାଳୀ ନାୟକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ଦାସ, ସମ୍ମାନିତ ଅତିଥି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ନୀଳକାନ୍ତ ଦେ, ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ସାବେତ୍ରୀ ଦାସ, ଯୋଗେନ୍ଦ୍ର ସିଂ, ରାଧାନାଥ ଦାସ, ବସନ୍ତ ଦାସ ପ୍ରମୁଖ ଯୋଗଦେଇ ଶିକ୍ଷକ ସମାଜ ଏକତା ଓ ମିତ୍ରତା ଭିତ୍ତିରେ ଶାନ୍ତିପୂର୍ଣ୍ଣ ବୃହତ୍ତର ଲଢ଼େଇ କରିବାକୁ ଆହ୍ୱାନ କରିଥିଲେ। ଶିକ୍ଷକ ନେତା ସୀତାରାମ ପ୍ରଧାନ, ନଟରଞ୍ଜନ ଘରାଇ ପ୍ରମୁଖ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅବସରପ୍ରାପ୍ତ କଲ୍ୟାଣ ସମିତିର ୬ ଜଣ ସ୍ୱର୍ଗତ ଆଦର୍ଶ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସାରସ୍ୱତ ସାଧକ ଡ଼ଃ ସନ୍ତୋଷ ପାତ୍ର, ଅନନ୍ତ ମାହାନ୍ତି, ଆଦର୍ଶ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଜେନା, ଅତୁଲ ଜେନା, ରାଧାଗୋବିନ୍ଦ ଦାସ, ସାମାଜିକ କର୍ମୀ ରଘୁନାଥ ମାହାନ୍ତି, ଦୀପେଶ ଚନ୍ଦ୍ର ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଶାନ୍ତ ମାହାନ୍ତି, ବୀର ଜେନା, ହରେନ୍ଦ୍ର ଭୋଳ, ଅଧୀର ଦତ୍ତ, ସୁବ୍ରତ ଘରାଇ, ରବୀନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ଗୃହ ଗଣନା ସମୟରେ ଶିକ୍ଷୟିତ୍ରୀ ଗୁରୁତର

ବାଲିଆପାଳ,୧୯।୪ (ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବାଲିଆପାଳ ଥାନା କଟୁଆପଡ଼ା ଗ୍ରାମରେ ଗୃହ ଗଣନା କରୁଥିବା ସମୟରେ ଜଣେ ଶିକ୍ଷୟିତ୍ରୀ ଗୁରୁତର ହୋଇପଡ଼ିଥିଲେ। ଶିକ୍ଷୟିତ୍ରୀ ନାଚିଣ୍ଡିଆ ମୁରଲୀଧର ସରକାରୀ ଉପ୍ରା ବିଦ୍ୟାଳୟରେ କାର୍ଯ୍ୟରତ ସନ୍ଧ୍ୟାରାଣୀ ଦାସ। ସେ ଗତ ୧୬ ତାରିଖଠାରୁ ଜନଗଣନା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଶନିବାର ଅପରାହ୍ନ ୨ଟା ୩୦ରେ କଟୁଆପଡ଼ା ଗ୍ରାମରୁ କାମ ସାରି ଫେରୁଥିବା ସମୟରେ ରାସ୍ତା ଉପରେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତାଙ୍କର ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ତାଙ୍କୁ ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ବସ୍ତା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଶିକ୍ଷୟିତ୍ରୀ ଜଣେ ମଧୁମେହ ଓ ଉଚ୍ଚ ରକ୍ତ ଚାପ ରୋଗୀ ହୋଇଥିବାରୁ ପ୍ରବଳ ଗରମ ପାଇଁ ଏଭଳି ହୋଇଥିବା ଡାକ୍ତର କହିଛନ୍ତି।

# କଂଗ୍ରେସର ସାଙ୍ଗଠନିକ ବୈଠକ

ବାଲେଶ୍ୱର,୧୯।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ):

ବାଲେଶ୍ୱର ସଦର କଂଗ୍ରେସ ପକ୍ଷରୁ ରବିବାର ଜିଲା କଂଗ୍ରେସ ଭବନରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ପଦ୍ମଲୋଚନ ଲେଙ୍କା ଏଥିରେ ପୌରୋହିତ୍ୟ କରିଥିଲେ। ଯୁବନେତା ସରୋଜ ଲେଙ୍କା ଏଥିରେ ଯୋଗଦେଇ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ୨୬ଟି ପଞ୍ଚାୟତରେ ଦଳ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ ୱାର୍ଡସଭ୍ୟ, ସମିତିସଭ୍ୟ, ସରପଞ୍ଚ ପଦ ପାଇଁ ପ୍ରାର୍ଥୀ ଦିଆଯିବ ବୋଲି ସୂଚନା ଦେଇଥିଲେ। କଂଗ୍ରେସର ନୀତି ଓ ଆଦର୍ଶରେ ବିଶ୍ୱାସ ରଖୁଥିବା ଯୁବକର୍ମୀମାନେ ପ୍ରତିଦିନ ସନ୍ଧ୍ୟାରେ ନିଜ ୱାର୍ଡରେ ବୈଠକ କରି ନିର୍ବାଚନ କମିଶନଙ୍କ ଏସ୍‌ଆଇଆର୍ କାର୍ଯ୍ୟକ୍ରମ ଓ ଭୋଟରଙ୍କ ନାମ କିଭଳି ନ କଟିବ, ସେ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରତି ରବିବାର ସବୁ ପଞ୍ଚାୟତର କର୍ମକର୍ତ୍ତାମାନଙ୍କୁ ନେଇ ବୈଠକ ହେବ। ପ୍ରତି ଜୋନ୍ ଓ ପଞ୍ଚାୟତରେ ମଧ ନିୟମିତ ଦଳର ବୈଠକ ହେବ। ଦଳର ବିଜୟ ନେଇ ଆସନ୍ତା ମେ ଆରମ୍ଭରୁ ରଣନୀତି ପ୍ରସ୍ତୁତ କରିବାକୁ ହେବ ବୋଲି ସେ କହିଥିଲେ। ଜିଲା କଂଗ୍ରେସର ପୂର୍ବତନ ସଭାପତି ସଞ୍ଜୀବ ଗିରି ଯୋଗଦେଇ ଦଳୀୟ କର୍ମୀ ଓ ଯୁବନେତାମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ଟାଉନ ସଭାପତି ଅନୁପ ସ୍ୱାଇଁ, ଜିଲା ଉପସଭାପତି କମରୁନ ଅଲ୍ଲୀ ଖାନ, ପରିଖୀ ସରପଞ୍ଚ କାର୍ତ୍ତିକ ରାଉତ, ୨୫ ନଂ. ଜୋନ କମିଟି ସଭାପତି ଅନନ୍ତ ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଧର ମହାନ୍ତି ମଞ୍ଚ ଆହ୍ୱାନ କରିଥିବା ବେଳେ ଜିଲା ସଂଖ୍ୟାଲଘୁ ସେଲ୍ ସଭାପତି ଅସଗର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଜୀବଜଗତ ପାଇଁ ହୋମଯଜ୍ଞ ଆୟୋଜନର ଆବଶ୍ୟକତା ଅଛି'

ଖଇରା,୧୯।୪(ଉତ୍କଳବନ୍ଧୁ ପଣ୍ଡା):

ମଣିଷର ବଞ୍ଚିବା ପାଇଁ ଜଳ ନିତାନ୍ତ ଆବଶ୍ୟକ। ଜଳ ବର୍ଷା ମାଧ୍ୟମରେ ଭୂପୃଷ୍ଠକୁ ଆସିଥାଏ ଏବଂ ହୋମ ଯଜ୍ଞରୁ ନିର୍ଗତ ଧୂଆଁରୁ ମେଘ ସୃଷ୍ଟି ହୋଇଥାଏ। ଏଣୁ ଜୀବନଧାରଣ ପାଇଁ ଯଜ୍ଞକର୍ମ ଆୟୋଜନର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ବାଲେଶ୍ୱର ଜିଲା ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଅଧୀନ ଟେକଚନ୍ଦନପୁର ଗ୍ରାମରେ ଆୟୋଜିତ ୧୫ତମ ବ୍ରହ୍ମ ଯଜ୍ଞର ଧର୍ମାଲୋଚନାରେ ଯୋଗ ଦେଇଥିବା ସାଧୁ ମହାତ୍ମାମାନେ ପ୍ରକାଶ କରିଛନ୍ତି।

ଆଞ୍ଚଳିକ ବ୍ରହ୍ମଣ ସମିତି ଆନୁକୂଲ୍ୟରେ ରବିବାର ଆୟୋଜିତ ଏହି ଧର୍ମ ଆଲୋଚନାରେ ବ୍ରାହ୍ମଣସମିତିର ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ ସଭାପତିତ୍ୱ କରିଥିଲେ। ସୋରରୁ ଆସିଥିବା ବେଦବିତ୍ ଜୟନ୍ତ କୁମାର ମହାପାତ୍ର ମୁଖ୍ୟବକ୍ତା, ଭଦ୍ରକ ଜିଲା ସଭାପତି ମନ୍ଦରଧର ଦିକ୍ଷିତ ମୁଖ୍ୟଅତିଥି, କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ପାଣିଗ୍ରାହୀ, ଜୋନ ସଭାପତି କୃଷ୍ଣଚନ୍ଦ୍ର ଦାଶ ଓ ତପନ କୁମାର ତ୍ରିପାଠୀ ପ୍ରମୁଖ ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇଥିଲେ। ରମାକାନ୍ତ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ବର୍ଷିଆନ ସଦସ୍ୟ ଜଗବନ୍ଧୁ ତିଆଡି, ନବ କିଶୋର ପଣ୍ଡା ଓ ନରେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଗୌରଚନ୍ଦ୍ର ପାଠୀଙ୍କ ତତ୍ତ୍ୱାବଧାନରେ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହେବା ସହ ପିତୃହରା ସନ୍ତାନ ଆୟୁଷ୍ମାନ ପଣ୍ଡାଙ୍କ ବ୍ରତୋପନୟନ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା। ବଂଶୀଧର ପଣ୍ଡା, କରୁଣାକର ପଣ୍ଡା, ଲକ୍ଷ୍ମୀଧର ତ୍ରିପାଠୀ, ବିପିନ କୁମାର ତ୍ରୀପାଠୀ, ସୁଦର୍ଶନ ରଥ, ଗୋପବନ୍ଧୁ ତ୍ରିପାଠୀ,ନୀଳାମ୍ବର ଉପାଧ୍ୟାୟ, ପଦ୍ମଲୋଚନ ଦାଶ, ନାରାୟଣ ତ୍ରିପାଠୀ, ବାସୁଦେବ ସାହୁଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା।



ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସହ ବ୍ରାହ୍ମଣ ସମିତିର କର୍ମକର୍ତ୍ତା ଓ ଅତିଥିମାନେ।

